## ସଂକ୍ଷେପରେ

### ଓଜନରେ ଠକେଇର ଶିକାର ହେଉଛନ୍ତି ଖାଉଟି

ବାଲିମେଲା,୯।୪(ଡି.ଏନ.ଏ.)- ମାଲକାନଗିରି ଜିଲା ବାଲିମେଲା ସହର ସମେତ କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳରେ ଆମିଷ ଦର କାହା ନିୟନ୍ତ୍ରଣରେ ନାହିଁ। ଆମିଷ ବ୍ୟବସାୟୀମାନେ ମନଇଚ୍ଛା ମାଛ ମାଂସ ଦର ବୃଦ୍ଧି କରି ଖାଉଟିଙ୍କୁ ବିକ୍ରୀ କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏହି ବ୍ୟବସାୟୀମାନଙ୍କ ଓଜନ ସାମଗ୍ରୀ ଦୀର୍ଘବର୍ଷ ହେଲା ନବୀକରଣ ହୋଇନାହିଁ। ଫଳରେ ଖାଉଟିଙ୍କୁ ଠକିବା ସହଜ ହେଉଛି। ଖାଉଟି କିଣୁଥିବା ସାମଗ୍ରୀର ଆବଶ୍ୟକ ଅର୍ଥ ଦେଉଥିଲେ ମଧ ସେମାନେ କମ ପରିମାଣର ସାମଗ୍ରୀ ପାଉଛନ୍ତି। ବାଲିମେଲା ଦୈନିକ ବଜାରସ୍ଥିତ ଆମିଷ ବଜାରରେ ଭାକୁର, ରୋହି, ମିରକାଲି,ଫଲି, କଣ୍ଟିଆ, ମାଗୁର,ଚିଙ୍ଗୁଡ଼ି, ଚୁନାମାଛ ଓ କଟାମାଛ ଦର ପୂର୍ବାପେକ୍ଷା ଏବେ ଦୁଇଗୁଣ ହୋଇଯାଇଛି। ଛେଳିମାଂସ ଓ କୁକୁଡ଼ା ମାଂସ ମଧ ଦେଗୁଣ ବଢ଼ିଛି । ପୂର୍ବରୁ କଟାମାଛ ୧୮୦-୨୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବର୍ତ୍ତମାନ ଏହା ୨୪୦-୩୦୦ଟଙ୍କାରେ ବିକ୍ରି ହେଉଛି। ସେହିପରି କୁକୁଡ଼ାମାଂସ ୧୬୦-୧୮୦ ଟଙ୍କାରେ ପୂର୍ବରୁ ବିକ୍ରି ହେଉଥିବା ବେଳେ ଏବେ ଏହା ୨୦୦-୨୪୦ ଟଙ୍କାରେ ବିକ୍ରି ହେଉଛି । ଛେଳିମାଂସ ୬୦୦ ଟଙ୍କାରୁ ୭୦୦ ଟଙ୍କାକୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ବ୍ୟବସାୟୀମାନେ ଓଜନରେ ମଧ ଖାଉଟିଙ୍କୁ ଠକୁଥିବା ଅଭିଯୋଗ ହେଉଛି । ଦୀର୍ଘବର୍ଷ ହେଲା ବ୍ୟବସାୟୀଙ୍କ ଓଜନମାପ ବଟକରା ନବୀକରଣ ହୋଇ ନ ଥିବା ଜଣାପଡ଼ିଛି। କୋରୁକୋଣ୍ଡା ବ୍ଲକର ତାର୍ଲାକୋଟା, ନିଳାଦ୍ରିନଗର ଓ ଆଖପାଖ ଅଞ୍ଚଳର ହାଟ ବଜାରରେ ଓଜନରେ ଖାଉଟି ଶୋଷଣର ଶିକାର ହେଉଛନ୍ତି। ଏଥିପ୍ରତି ଜିଲା ଓଜନ ମାପ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। କେବଳ ଆମିଷ ନୁହେଁ ପନିପରିବା କିଣିବା ବେଳେ ମଧ ଲୋକଙ୍କୁ ଓଜନରେ ବ୍ୟବସାୟୀ ଠକୁଛନ୍ତି। ଜିଲା ପ୍ରଶାସନ ଓ ବାଲିମେଲା ଏନଏସି କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

### ଦିବ୍ୟାଙ୍ଗ ସଂଘ ପକ୍ଷରୁ ଚିତ୍ରକୋଣ୍ଡାରେ ଭଜନ ସନ୍ଧ୍ୟା

ଚିତ୍ରକୋଣ୍ଡା,୯।୪( ଡି.ଏନ୍.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଦୈନିକ ମାର୍କେଟର ଦଶହରା ମଣ୍ଡପ ନିକଟରେ ନବରଙ୍ଗପୁରର ଦିବ୍ୟାଙ୍ଗ ସଂଘ ଆନୁକୂଲ୍ୟରେ ପେଣ୍ଡ୍ରାଣୀ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦିବ୍ୟାଙ୍ଗମାନେ ପ୍ରତିବର୍ଷ ଚିତ୍ରକୋଣ୍ଡାକୁ ଆସି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ କରିଥାନ୍ତି । ସେମାନଙ୍କ ଭଜନ ଶ୍ରୋତାଙ୍କୁ ବେଶ୍ ବାନ୍ଧି ରଖିଥାଏ।

### ପାନୀୟଜଳ ପ୍ରକଳ୍ପ ମଞ୍ଜୁର
### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବ୍ଲକବାସୀ

ଝରିଗାଁ,୯।୪(ସ.ପ୍ର.)- ନବରଙ୍ଗପୁର ଜିଲା ଅନ୍ତର୍ଗତ ଝରିଗାଁ ବ୍ଲକର ୧୨ଟି ପାଞ୍ଚାୟତ ଓ ଡ଼ାବୁଗାଁ ବ୍ଲକର ୧୨ ପଞ୍ଚାୟତବାସୀଙ୍କ ନିମନ୍ତେ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବସୁଧା ଯୋଜନାରେ ୨୬୧ କୋଟି ଟଙ୍କାର ପ୍ରକଳ୍ପକୁ କ୍ୟାବିନେଟ ବୈଠକରେ ମଞ୍ଜୁରୀ ମିଳିଛି। କୋଷାଗୁମୁଡ଼ା ବ୍ଲକ ନିକଟସ୍ଥ ଇନ୍ଦ୍ରାବତୀ ନଦୀ ଅବାହିକାରୁ ଜଳ ସଂଗୃହିତ ପରେ ବିଶୋଧନ ହୋଇ ପାଇପ ଯୋଗେ ଉପରୋକ୍ତ ୨ ବ୍ଲକର ୨୪ଟି ପଞ୍ଚାୟତକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ହେବ। ଏଥିଲାଗି ଝରିଗାଁ ବ୍ଲକବାସୀ ଏବଂ ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝୀ ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କୁ ଧନ୍ୟବାଦ ଜଣାଇ କୃତଜ୍ଞତା ଜ୍ଞାପନ କରାଯାଇଛି।

# ୨ ଜିଲା ପାଇଁ ୩ ବୃହତ୍ ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ କଲେ ମୁଖ୍ୟମନ୍ତ୍ରୀ

- ବ୍ୟୟ ହେବ ୪୭୯ କୋଟି ୫୦ ଲକ୍ଷ
- ୨ବର୍ଷ ମଧରେ ସରିବ ପ୍ରକଳ୍ପ କାର୍ଯ୍ୟ
- କୋରାପୁଟରେ ୨, ନବରଙ୍ଗପୁରର ଡାବୁଗାଁରେ ଗୋଟିଏ ପ୍ରକଳ୍ପ


ଖବରଦାତା ସମ୍ମିଳନୀରେ ବିଜେଡି କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

କୋରାପୁଟ,୯।୪(ସ୍ୱ.ପ୍ର.)

କୋରାପୁଟ ଓ ନବରଙ୍ଗପୁର ଜିଲାର ୩ଟି ବୃହତ ପାନୀୟ ଜଳ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଅନୁମୋଦନ କରିଛନ୍ତି। ଏଥିରେ ୪୭୯ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ହେବ ବୋଲି ସୂଚନା ଦେଇଛନ୍ତି କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ। ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରି ଉପରୋକ୍ତ ୩ ବୃହତ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା କୋରାପୁଟ ଓ ନବରଙ୍ଗପୁର ଜିଲାର ୪ଟି ବ୍ଲକର ୫୨ଟି ପଞ୍ଚାୟତର ୨ଲକ୍ଷ ୪୬ ହଜାର ୩୪୦ ଜଣ ଲୋକ ଉପକୃତ ହେବେ। ଏଥିରୁ କୋରାପୁଟ ଜିଲାର ଗୋଟିଏ ପ୍ରକଳ୍ପ ଲମତାପୁଟ ବ୍ଲକରେ ଥିବା ୧୫ଟି ପଞ୍ଚାୟତ ଅନ୍ତର୍ଗତ ୧୬୫ଟି ଗ୍ରାମର ୫୭,୧୮୬ ଜଣ ଅନ୍ୟଟିରେ କୋରାପୁଟ ବ୍ଲକର ୧୩ଟି ପଞ୍ଚାୟତର ୭୬ଟି ଗ୍ରାମର ୫୧ ହଜାର ୧୧୯ ଜଣ ଉପକୃତ ହେବେ। ସେହିପରି ନବରଙ୍ଗପୁର ଜିଲାର ଡାବୁଗାଁ ବ୍ଲକ ଅଧୀନରେ ଥିବା ୧୨ଟି ପଞ୍ଚାୟତର ୬୮ଟି ଗ୍ରାମର ୭୫ ହଜାର ୭୪୪ ଜଣ ଲୋକ ଉପକୃତ ହେବେ ବୋଲି ସେ ସୂଚନା ଦେଇଥିଲେ । ଏହି ୩ଟି ପ୍ରକଳ୍ପ ଆସନ୍ତା ୨ ବର୍ଷ ମଧରେ ଶେଷ ହେବ। ଖବରଦାତା ସମ୍ମିଳନୀରେ ରାଜ୍ୟ ମୁକ୍ତା ଯୋଜନାର ପର୍ଯ୍ୟବେକ୍ଷକ ମୀରା ପରିଡା, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ତୁଳସି କିରସାନି, ବିଜେଡି ମହିଳା ସଭାପତି ପାର୍ବତୀ ମସ୍ତି, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସହାୟତାର ହାତ ବଢ଼ାଇଲେ ସରପଞ୍ଚ, ଜିଲା ପରିଷଦ ସଭ୍ୟା

**ବାପା ଚାଲିଯିବା ପରେ ୩ ସନ୍ତାନ ଅନାଥ ହୋଇପଡ଼ିବା ଘଟଣା**

ମାଥିଲି,୯।୪(ଡି.ଏନ.ଏ. )

ମାଲକାନଗିରି ଜିଲା ମାଥିଲି ବ୍ଲକ ଧୂଳିଆପୁଟ ପଞ୍ଚାୟତର ପାତ୍ରପୁଟ ଗ୍ରାମରେ ଏକ ପରିବାରର ବାପା ଚାଲିଯିବା ପରେ ତାଙ୍କ ତିନି ସନ୍ତାନ ଅନାଥ ହୋଇପଡିଛନ୍ତି। ଏ ସମ୍ପର୍କରେ ରବିବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ସରପଞ୍ଚ ମଧୁସୂଦନ ନାୟକଙ୍କ ସହ ଜିଲାପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ ସମ୍ପୃକ୍ତ ୩ ପିଲାଙ୍କୁ ଭେଟିଛନ୍ତି। ସେମାନଙ୍କୁ କିଛି ଆର୍ଥିକ ସହାୟତା ଦେବା ସହ ପିଲାମାନଙ୍କ ପାଠପଢା ଓ ଅନ୍ୟାନ୍ୟ ସୁବିଧା କରିବା ଲାଗି ଜିଲାପାଳଙ୍କ ସହ ଆଲୋଚନା କରିବି ବୋଲି ସେ କହିଛନ୍ତି। ଏହି ଗ୍ରାମର ଗୌରୀ ଦୋରା ୪ବର୍ଷ ତଳେ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏହି ସମୟରେ ପିଲାଙ୍କୁ ସହାୟ ହେବା ବଦଳରେ ମାଆ ସୁବର୍ଣ୍ଣ ନିଜ ରାସ୍ତା ନିଜେ ଧରିଲେ। ଫଳରେ ଗୌରୀଙ୍କ ଦୁଇ ଝିଅ ଓ ଗୋଟିଏ ପୁଅ ବେସାହାରା ହୋଇପଡିଥିଲେ। ଦୁଇଓଳା ଦୁଇମୁଠା ଖାଦ୍ୟ ଯୋଗାଡ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇ ପଡିଥିଲା। ବଡଭଉଣୀ ବାହାରେ ମଜୁରି ଲାଗି ଯାହା ଆଣୁଥିଲେ ତାହାକୁ ୩ ଭଉଣୀଭାଇ ଖାଇ ଚଳୁଥିଲେ। ଏହି ଅସହାୟ ଭଉଣୀଭାଇଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ମାଥିଲି ବ୍ଲକ ଅଧିକାରୀଙ୍କୁ ଜଣାଇଥିଲେ। ଏ ନେଇ ଜାଣିବା ପରେ ମାଥିଲି ଜିଲା ପରିଷଦ ସଭ୍ୟା ଓ ସରପଞ୍ଚ ଯାଇ ରବିବାର ଗୌରୀଙ୍କ ପିଲାମାନଙ୍କୁ ଭେଟି ସହାୟତା ଦେଇଛନ୍ତି। ସେମାନଙ୍କୁ ନେଇ ଜିଲାପାଳଙ୍କୁ ଭେଟି ଆଲୋଚନା କରି କିଛି ବ୍ୟବସ୍ଥା କରିବି ବୋଲି ଜିଲା ପରିଷଦ ସଭ୍ୟା ନାୟକ କହିଛନ୍ତି।

# ପ୍ରତି ଘରେ ଯୋଗର ଉପକାରିତା ପହଞ୍ଚିବା ନେଇ ଗୁରୁତ୍ୱ

**ପତଞ୍ଜଳି ଯୋଗ ସମିତିର ଜିଲାସ୍ତରୀୟ ବୈଠକ**

ଦାମନଯୋଡି,୯।୪(ଡି.ଏନ.ଏ.)

ଦାମନଯୋଡ଼ିସ୍ଥିତ ପତଞ୍ଜଳି ଯୋଗ ସମିତିର ଜିଲାସ୍ତରୀୟ ନାଲ୍‌କୋ କମ୍ୟୁନିଟି ସେଣ୍ଟରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦାମନଯୋଡ଼ି ଯୋଗ ସମିତିର ଯୋଗ ଶିକ୍ଷକ ଡ. ନିରୋଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ପତଞ୍ଜଳି ଯୋଗ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜିଲା ପ୍ରଭାରୀ ଅମ୍ବିକା ରଞ୍ଜନ ପାଣିଗ୍ରାହୀ ଅତିଥି ରୂପେ ଯୋଗ ଦେଇଥିଲେ। ଓଡ଼ିଶା ମହିଳା ପତଞ୍ଜଳି ଯୋଗ ସମିତିର ସହ ରାଜ୍ୟ ପ୍ରଭାରୀ ଜାନକୀ ପାଣିଗ୍ରାହୀ,ଭାରତ ସ୍ୱାଭିମାନର ଜିଲା ପ୍ରଭାରୀ ହରିହର କରସୁଧା ପଟ୍ଟନାୟକ, ସମ୍ପାଦକ କୃଷ୍ଣ ଦୋରା, ଜିଲା ମହିଳା ପ୍ରଭାରୀ ମଞ୍ଜୁଳା ପାତ୍ର, ଉଷା ମହାପାତ୍ର, ସୁଭଦ୍ରା ରାଉତ, ସୁଭାଷିନୀ ପାତ୍ର, କେ. ତିରୁପତି ରାଓ, ଗଣମାଧ୍ୟମ ପ୍ରଭାରୀ ଅର୍ଚ୍ଚନା ପାତ୍ର, ସିମିଳିଗୁଡା ତହସିଲ ପ୍ରଭାରୀ ରାଣାଦେବ ନାଥ ପ୍ରମୁଖ ଉପସ୍ଥିତ ଥିଲେ । ଯୋଗର ଉପକାରିତା କିପରି ପ୍ରତି ଘରେ ପହଞ୍ଚି ପାରିବ ଏବଂ ଯୋଗ କିପରି ମଣିଷକୁ ନୀରୋଗ କରେ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ପତଞ୍ଜଳି ଯୋଗ ସମିତିର ପ୍ରକାଶ ଦାସ,ଯୋଗିନ୍ଦ୍ର ସେଠୀ, ପ୍ରକାଶ ସାହୁ, ନୟନା ପ୍ରଧାନ, ବନିତା ପ୍ରଧାନ, ସଂଯୁକ୍ତା ପାତ୍ର, ସରିତା ସାହୁ ଅନିତା ଖରା,ଗୌରୀ ଖିଲଙ୍କ ସହ ଅନ୍ୟମାନେ ଯୋଗ ସମ୍ପର୍କରେ ନିଜ ମତ ରଖିଥିଲେ। ଦିପ୍ତୀମୟୀ ଶତପଥୀ ଓଡ଼ିଶୀ ପରିବେଷଣ କରିଥିଲେ।

# ରାଜଧାନୀରେ ବସିଲା ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ବୈଠକ

ଜୟପୁର,୯।୪(ନି.ପ୍ର.)

ଭୁବନେଶ୍ୱରରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ସବୁ ଜିଲାର ମଞ୍ଚ ସଭାପତି, ସମ୍ପାଦକ ଓ ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ। କୋରାପୁଟ ଜିଲାରୁ ସଂଘ ସଭାପତି ଶଶୀଭୂଷଣ ଦାଶ, ଜୟପୁର ଉପଖଣ୍ଡରୁ ମଞ୍ଚ ଉପସଭାପତି ପ୍ରସନ୍ନ ନାୟକ ଏବଂ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ। ଏଥିରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ସଭାପତି, ସମ୍ପାଦକ, ନିଖିଳ ଉତ୍କଳ କୋଷାଧ୍ୟକ୍ଷ ସଂଘ ସଭାପତି, ସମ୍ପାଦକ ଓ ଉପ ନିବନ୍ଧକ, ଓଡ଼ିଶା ଅମଲା ସଂଘ ସଭାପତି, ସମ୍ପାଦକମାନେ ଯୋଗଦେଇ ସରକାରଙ୍କ ଅମଲାମାନଙ୍କ ପ୍ରତି ବୈମାତୃକ ମନୋଭାବର ନିନ୍ଦା କରିଥିଲେ। କନିଷ୍ଠ ସହକାରୀମାନଙ୍କ ପ୍ରବେଶିକା ଦରମାହାର ୪୨୦୦ ଗ୍ରେଡ ପେ ପ୍ରଦାନ ଲାଗି ଚଳିତ ମାସ ସୁଦ୍ଧା ସମସ୍ତ ଜିଲାର ଅମଲାମାନେ ନିଜ ନିଜ ଜିଲାର ଜିଲାପାଳଙ୍କ ନିକଟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ଯଦି ସରକାର ଏହି ଦାବି ପୂରଣ ନ କରନ୍ତି ତେବେ ଆନ୍ଦୋଳନ ଜୋରଦାର ହେବାକୁ ନିଷ୍ପତ୍ତି ହୋଇଥିଲା।

# ଥାନା, ମନ୍ଦିର ସମ୍ମୁଖରେ ଉଠା ଦୋକାନ



ଥାନା ଓ ମନ୍ଦିରକୁ ଲାଗି ପଡିଥିବା କ୍ୟାବିନ।

ସୁନାବେଡା/ସେମିଳିଗୁଡା, ୯।୪ (ସ୍ୱ.ପ୍ର.)

ସୁନାବେଡା ଓ ସେମିଳିଗୁଡା ସହରାଞ୍ଚଳରେ ପ୍ରତିଦିନ ବିଭିନ୍ନ ସ୍ଥାନରେ ଛୋଟଛୋଟ ଦୋକାନମାନ ଖୋଲୁଥିବା ଦେଖିବାକୁ ମିଳୁଛି। ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ କେଉଁଠି ନା କେଉଁଠି ଲୋକେ ଚା ଓ ପାନ ଦୋକାନ ଖୋଲୁଛନ୍ତି। ତେବେ ଏଥିପାଇଁ ସେମିଳିଗୁଡା ଆଦର୍ଶ ଥାନା ଓ ଥାନା ପାଖ ମନ୍ଦିର ମଧ ବାଦ ପଡିନି। ଗତ କିଛିଦିନ ହେବ ଉଭୟ ଥାନା ଓ ମନ୍ଦିରଠାରେ ଦୁଇଟି ଉଠା ଦୋକାନ ଖୋଲିଛି। ଏନେଇ ଥାନା କିମ୍ବା ମନ୍ଦିର ପ୍ରଶାସନ କିଛି ପଦକ୍ଷେପ ନେଇନାହାନ୍ତି। ତେବେ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁ ଏଥିପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଦୁଇ ଦୋକାନ ରହିବା ସହ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଯେପରି କିଛି ଅସୁବିଧା ନ ହୁଏ ସେଥିପ୍ରତି ଥାନା ଓ ମନ୍ଦିର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମତ ପ୍ରକାଶ ପାଉଛି।

# ଉପାନ୍ତରେ ଓଡ଼ିଶା ପୋଲିସ ପକ୍ଷରୁ ଜନସମ୍ପର୍କ

ଚିତ୍ରକୋଣ୍ଡା,୯।୪(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ବ୍ଲକ ପାପରମେଟଲା ଥାନା ଅଧୀନ ସୀମାନ୍ତ ଧୁଳିପୁଟ ପଞ୍ଚାୟତରେ ଓଡ଼ିଶା ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଏସ୍‌ପି ନିତିଶ ୱାଧେୱାନଙ୍କ ଅଧ୍ୟକ୍ଷତାରେ ଏବଂ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକିସିଅସ କିସପୋଟାଙ୍କ ସହଯୋଗରେ ଶିବିର ଆୟୋଜିତ ହୋଇଥିଲା। ଏହି ଅବସରରେ ୮୦୦ରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ୧୦୦ ପ୍ରକାରର ସାମଗ୍ରୀ ପୋଲିସ ପକ୍ଷରୁ ପ୍ରଦାନ କରାଯାଇଛି। ମୁଖ୍ୟତଃ ଟିଭି ସହ ଆଣ୍ଟିନା ପ୍ରଦାନ କରାଯାଇଥିବା ବେଳେ ବୁଢ଼ାବୁଢ଼ୀଙ୍କୁ ଛତା, ଧୋତି, ଲୁଙ୍ଗି, କମଳ, ଟର୍ଚ୍ଚ, ଜୋତା, ଛୋଟ ପିଲାଙ୍କୁ ପାଠପଢ଼ା ସାମଗ୍ରୀ, ବହି, ଖାତା, ପାଣି ବୋତଲ, ପେନ ଓ ସ୍କୁଲ ବ୍ୟାଗ ପ୍ରଦାନ କରାଯାଇଥିବା ବେଳେ ଯୁବ ଗୋଷ୍ଠୀଙ୍କୁ ଟି-ସାର୍ଟ, ଟର୍ଚ୍ଚ, ଲୁଙ୍ଗି ପ୍ରଦାନ କରାଯାଇଛି। ସେହିପରି ମହିଳାଙ୍କୁ ଶାଢ଼ୀ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ପାପରମେଟେଲା ଥାନା ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ ।



ମହିଳାଙ୍କୁ ସାମଗ୍ରୀ ବଣ୍ଟନ କରାଯାଉଛି ।

# ଚାଲିଗଲେ ବଡଦିଦି

ଚିତ୍ରକୋଣ୍ଡା,୯।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ସମେତ ମାଲକାନଗିରି ଜିଲାରେ ବଡ଼ ଦିଦି ଭାବରେ ପରିଚିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଚନ୍ଦ୍ରମଣି ଦେବୀ(୮୦)ଙ୍କ ରବିବାର ତାଙ୍କ ଜୟପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଚିତ୍ରକୋଣ୍ଡାରେ ଚାକିରି ଜୀବନ ଆରମ୍ଭ କରି ଏଠାରେ ଅବସର ନେଇଥିଲେ। ପୁରୀ ଜିଲାର ମୂଳନିବାସୀ ଥିବା ଚନ୍ଦ୍ରମଣି ଙ୍କ ଆମାୟିକ ବ୍ୟବହାର ପାଇଁ ସେ ଚିତ୍ରକୋଣ୍ଡାରେ ବଡ଼ ଦିଦି ରୂପେ ସମସ୍ତଙ୍କ ନିକଟରେ ପରିଚିତ। ତାଙ୍କ କର୍ମଭୂମି ଚିତ୍ରକୋଣ୍ଡାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏହା ବଡଦିଦିଙ୍କ ଶେଷ ଇଚ୍ଛା ଥିଲା ବୋଲି ତାଙ୍କ ପୁଅ କହିଛନ୍ତି। ଏଥିରୁ ସେ ଚିତ୍ରକୋଣ୍ଡାକୁ କେତେ ଭଲ ପାଉଥିଲେ, ନିଜର ମନେ କରୁଥିଲେ ତାହା ଜଣାପଡେ।

# ସର୍ବନିମ୍ନ ମାସିକ ପେନ୍‌ସନ ୯ ହଜାର କରିବାକୁ ଦାବି


ଅବସରପ୍ରାପ୍ତ କର୍ମଚାରୀମାନେ ।

**ପେନସନର୍ସ ଆସୋସିଏଶନର ଜିଲା କମିଟି ବୈଠକ**

ଜୟପୁର,୯।୪ (ନି.ପ୍ର.)

ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏଶନ କୋରାପୁଟ ଜିଲା କମିଟିର ଏକ ବୈଠକ ରବିବାର ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନ ସଭାପତି ନଳିନୀ ରଥ ସଭାପତିତ୍ୱ କରିଥିଲେ। ସାରା ଦେଶରେ ଅବସରପ୍ରାପ୍ତ ଇପିଏଫ ପେନସନଧାରୀ ଶ୍ରମିକ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ କେନ୍ଦ୍ର ସରକାର ଏନପିଏସ୍‌ର ବର୍ଦ୍ଧିତ ହାରରେ ସଂଶୋଧନ କରିବାକୁ ଅର୍ଥ ମନ୍ତ୍ରଣାଳୟ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିବା ସଭାପତି ରଥ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହି ଆନ୍ଦୋଳନ ଜାରି ରଖିବାକୁ ସର୍ବଭାରତୀୟ ସ୍ତରର ଇପିଏଫ ପେନସନର୍ସ ଆସୋସିଏଶନ ଆହ୍ୱାନ ଦେଇଛି ବୋଲି ସୂଚନା ଦେଇ ସେ କହିଲେ, ଏନେଇ ଅନ୍‌ଲାଇନ ଫର୍ମ ନେବା ପାଇଁ ସେବା କାଗଜ କଳ ମ୍ୟାନେଜମେଣ୍ଟ ମନା କରୁଛି। ଆବଶ୍ୟକ ହେଲେ ସଂଘ ପକ୍ଷରୁ କାଗଜକଳ ଅଧିକାରୀଙ୍କୁ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ମାସରେ ଆସୋସିଏଶନର କର୍ମକର୍ତ୍ତା ନିର୍ବାଚନ ହେବ। ପେନସନର୍ସ ଆସୋସିଏଶନ ସର୍ବଭାରତୀୟ ସ୍ତରରେ ଇପିଏଫ ବାବଦରେ ସର୍ବନିମ୍ନ ପେନସନ ମାସିକ ୯ହଜାର ଟଙ୍କା କରିବାକୁ ଦାବି କରି ଆସୁଛି। ବୈଠକରେ ଉମାକାନ୍ତ ରଥ, ବୈଜୟନ୍ତୀ ପଣ୍ଡା, ଅଞ୍ଜନା ସାହୁ, ରାମଶଙ୍କର ପଟ୍ଟନାୟକ, ଦଣ୍ଡପାଣି ପାତ୍ର , କଳ୍ପତରୁ ବିଶୋୟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିକ୍ରମଦେବ କଲେଜର ବାର୍ଷିକ ଉତ୍ସବ

ଜୟପୁର,୯।୪(ନି.ପ୍ର.)

ଜୟପୁରସ୍ଥିତ ବିକ୍ରମ ଦେବ କଲେଜର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗୋପାଳ ହାଲଦାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୌରଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ମୁଖ୍ୟବକ୍ତା ଅବସର ପ୍ରାପ୍ତ ଅଧ୍ୟାପକ ନୀଳାଦ୍ରି ନାଥ ଦାଶ ଉପସ୍ଥିତ ଥିଲେ। ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ସହ ବିଧାୟକ ବାହିନୀପତି ମଧ ନାଚିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଧାୟକ ବାହିନୀପତି ନିଜ ବକ୍ତବ୍ୟରେ ଉଚ୍ଚମାନର ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଭଲ ମଣିଷ ହେବା ପାଇ ପରାମର୍ଶ ଦେଇଥିଲେ।




ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି ।

# ୩ କି.ମି. ଭାରରେ ବୁହା ହେଲେ ଗର୍ଭବତୀ

**ଡାକ୍ତରଖାନା ପୂର୍ବରୁ ଆମ୍ବୁଲାନ୍ସରେ ପ୍ରସବ**

ଲମତାପୁଟ, ୮।୪ (ଡି.ଏନ.ଏ.)

ସ୍ୱାଧୀନତାର ଦୀର୍ଘ ବର୍ଷବିତି ଯାଇଥିଲେ ସୁଦ୍ଧା କୋରାପୁଟ ଜିଲାର ଦୁର୍ଗମ ଅଞ୍ଚଳକୁ ଏଯାଏ ହୋଇପାରିନି ରାସ୍ତା ନିର୍ମାଣ। ଫଳରେ ଗ୍ରାମଗୁଡିକରେଦେଖିବାକୁ ମିଳୁଛି ଜନନୀ ଯନ୍ତ୍ରଣା। ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରି ଗର୍ଭବତୀ ରାସ୍ତାରେ ଭାରରେ ବୁହା ହୋଇ ଡାକ୍ତରଖାନା ଆସିବା ବେଳେ ସନ୍ତାନ ଜନ୍ମ ଦେଉଛନ୍ତି। ଏପରି ଏକ ଦୃଶ୍ୟ ଶନିବାର ଦେଖିବାକୁ ମିଳିଛି କୋରାପୁଟ ଜିଲାର ଲମତାପୁଟ ବ୍ଲକରେ।


ସୁନ୍ଦରୀଙ୍କୁ ଗ୍ରାମବାସୀ ଭାରରେ ବୋହି ଡାକ୍ତରଖାନା ନେଉଛନ୍ତି।

ଲମତାପୁଟ ବ୍ଲକ ବାଦିଗଡ ପଞ୍ଚାୟତ ଡୁମୁରିଗୁଡା ଗ୍ରାମର ଆଦି ଖିଲଙ୍କ ସ୍ତ୍ରୀ ସୁନ୍ଦରୀ ଗର୍ଭବତୀ ଥିଲେ। ତାଙ୍କ ପ୍ରସବ ଯନ୍ତ୍ରଣା ଆରମ୍ଭ ହେବାରୁ ସମ୍ପର୍କୀୟମାନେ ୧୦୨ ଆମ୍ବୁଲାନ୍ସକୁ ଫୋନ କରି ଡକାଇଥିଲେ। ତେବେ ଡୁମୁରିଗୁଡା ଗ୍ରାମକୁ ରାସ୍ତା ନ ଥିବାରୁ ଗ୍ରାମବାସୀ ସୁନ୍ଦରୀଙ୍କୁ ଭାରରେ ବୋହି ଚାଲି ଚାଲି ୩ କି.ମି. ମୁଣ୍ଡାପୁଟ ଗ୍ରାମକୁ ଆଣିଥିଲେ। ସେଠାରେ ପୂର୍ବରୁ ଆସି ରହିଥିବା ଆମ୍ବୁଲାନ୍ସ ଯୋଗେ ଲମତାପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ତାଙ୍କୁ ନେଉଥିବା ବେଳେ ବାଟରେ ଆମ୍ବୁଲାନ୍ସରେ ସୁନ୍ଦରୀ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ପରେ ସେମାନଙ୍କୁ ଲମତାପୁଟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ତେବେ ଏଭଳି ଘଟଣା ଆମପାଇଁ ଦେହସୁଆ ହୋଇଗଲାଣି ବୋଲି କହିଛନ୍ତି ଗ୍ରାମବାସୀ। ଗ୍ରାମକୁ ରାସ୍ତା ନିର୍ମାଣ ଲାଗି ବାରମ୍ବାର ବ୍ଲକ ଓ ପଞ୍ଚାୟତ ନିକଟରେ ଅଭିଯୋଗ କରିଥିଲେ ମଧ କେହି ଶୁଣୁ ନ ଥିବା ସେମାନେ ପ୍ରକାଶ କରିଛନ୍ତି।

# କମୁଛି ଗଚ୍ଛିତ ରକ୍ତର ପରିମାଣ

- ରକ୍ତଭଣ୍ଡାରରେ ରକ୍ତ ସଙ୍କଟ
- ୧୫ଦିନ ହେଲା ରହିଛି ମାତ୍ର ୪୦ରୁ ୫୦ ୟୁନିଟ ରକ୍ତ
- ହଇରାଣ ହେଉଛନ୍ତି ଥାଲାସେମିୟା, ସିକିଲସେମିୟା ରୋଗୀ

ମାଲକାନଗିରି, ୯।୪(ଡି.ଏନ.ଏ.)



ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାର ।

ରକ୍ତଦାନ ମହତ ଦାନ। ଜଣକ ରକ୍ତଦାନ ଯୋଗୁ ଅନ୍ୟଜଣକ ଅମୂଲ୍ୟ ଜୀବନ ବଞ୍ଚିଯାଇଥାଏ। ଏହାକୁ ନେଇ ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ ବିଭିନ୍ନ ସମୟରେ କରାଯାଉଛି। ଅନେକ ସମୟରେ ରକ୍ତ ଅଭାବ ଯୋଗୁ ବହୁ ରୋଗୀଙ୍କ ଜୀବନ ବିପଦରେ ପଡୁଛି। ମାଲକାନଗିରି ଜିଲା ରକ୍ତଭଣ୍ଡାରରେ ଗତ କିଛିଦିନ ହେଲା ରକ୍ତର ଅଭାବ ଦେଖିବାକୁ ମିଳୁଛି। ଫଳରେ ରକ୍ତ ନ ପାଇ ରୋଗୀ ହନ୍ତସନ୍ତ ହେଉଛନ୍ତି। ଜିଲା ସଦର ହସ୍ପିଟାଲରେ ମାସକୁ ରୋଗୀମାନଙ୍କ ପାଇଁ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ଆବଶ୍ୟକ ପଡିଥାଏ। ମାତ୍ର ଏହି ତୁଳନାରେ ଜିଲାରେ ବହୁ କମ ପରିମାଣର ରକ୍ତ ଗଚ୍ଛିତ ଥିବା ଜଣାପଡିଛି। ଗତ ୧୫ଦିନ ହେଲା ମାତ୍ର ୪୦ ୟୁନିଟରୁ ୫୦ ୟୁନିଟ ରକ୍ତ ରକ୍ତଭଣ୍ଡାରରେ ଗଛିତ ରହୁଛି। ଗତ ଦୁଇସପ୍ତାହ ହେଲା ଆବଶ୍ୟକ ପରିମାଣର ରକ୍ତ ଗଚ୍ଛିତ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଥାଲାସେମିୟା ଓ ସିକିଲସେମିୟାରେ ଆକ୍ରାନ୍ତ ୫୦ରୁ ଅଧିକ ଗରିବ ରୋଗୀ ନିୟମିତ ରକ୍ତ ନେଇଥାନ୍ତି। ରକ୍ତ ଅଭାବରୁ ସେମାନେ ମାଗଣା ରକ୍ତ ପାଇବାରୁ ବଞ୍ଚିତ ହେଉଛନ୍ତି । ଗର୍ଭବତୀ ମହିଳା ଏବଂ ଦୁର୍ଘଟଣା ଗ୍ରସ୍ତ ଆହତ ବ୍ୟକ୍ତିମାନେ ମଧ ଠିକ ଭାବେ ରକ୍ତ ପାଇପାରୁ ନ ଥିବାରୁ ସଙ୍କଟରେ ପଡୁଛନ୍ତି। ଏହି ରକ୍ତଭଣ୍ଡାର ଗତ ୨୦୦୮ରେ ଖୋଲା ଯାଇ ପ୍ରଥମେ ୬୦ ୟୁନିଟ୍, ପରେ ଅତ୍ୟାଧୁନିକ ରକ୍ତଗଚ୍ଛିତ ମେଶିନ ସ୍ଥାପନ କରାଯାଇ ୫୦୦ ୟୁନିଟ୍ କ୍ଷମତାକୁ ବୃଦ୍ଧି କରାଯାଇଥିଲା। ସେତେବେଳେ ପ୍ରତି ମାସରେ ୩୦୦ରୁ ୪୦୦ ୟୁନିଟ ରକ୍ତ ଗଚ୍ଛିତ ରହୁଥିଲା। ଏହା ଅବଶ୍ୟକ ସମୟରେ ରୋଗୀମାନଙ୍କୁ ପ୍ରଦାନ କରାଯାଉଥିଲା। ଏ ସମ୍ପର୍କରେ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡାକ୍ତର ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ସାଧାରଣତଃ ଖରାଦିନେ ରକ୍ତଦାନ ଶିବିର ଓ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ସଂଖ୍ୟା ଖୁବ କମ ରହୁଛି। ଫଳରେ ରକ୍ତଭଣ୍ଡାରଗୁଡିକରେ ରକ୍ତ କମ ପରିମାଣରେ ଗଚ୍ଛିତ ରହିଥାଏ। ତେବେ ଏଥିପ୍ରତି ଦୃଷ୍ଟି ଦେଇ ରକ୍ତର ଆବଶ୍ୟକତା ପୂରଣ କରିବାକୁ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମା' ପେଣ୍ଡ୍ରାଣୀଙ୍କ ମନ୍ଦିର ଶୁଭଖୁଣ୍ଟି, ଭିତ୍ତିପ୍ରସ୍ତର ସ୍ଥାପନ

ଏସ୍‌ଡିସିରୁ ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହାୟତା

ଚନ୍ଦାହାଣ୍ଡି, ୯।୪ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ଅଧୀନ ମାଁ ପେଣ୍ଡ୍ରାଣୀଙ୍କ ମନ୍ଦିରର ଶୁଭଖୁଣ୍ଟ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ମାଝି, ଓଏଲ୍‌ଆଇସି ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ, ନବରଙ୍ଗପୁର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ବ୍ଲକ ଅଧକ୍ଷା ସୁମିତ୍ରା ପୂଜାରୀ, ଜୋନ-୧ ଜିଲାପରିଷଦ ବର୍ଷାରାଣୀ ପଟେଲ, ବ୍ଲକ ଉପାଧକ୍ଷା ବାସୁଦେବ ଗୌଡ଼, ଚନ୍ଦାହାଣ୍ଡି ଏସ୍‌ଡିସି ଜୋନ-୧ସଦସ୍ୟ ଲଛମନ ମାଝି, ଏସ୍‌ଡିସି ଜୋନ-୨ ସଦସ୍ୟ ହର ପୂଜାରୀ ଏବଂ ଚନ୍ଦାହାଣ୍ଡି ସରପଞ୍ଚ ଗଙ୍ଗେଶ୍ୱରୀ ପୂଜାରୀ ଉପସ୍ଥିତ ଥିଲେ। ମା ପେଣ୍ଡ୍ରାଣୀଙ୍କ ମନ୍ଦିର ନିର୍ମାଣ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପାଣ୍ଠିରୁ ଆର୍ଥିକ ସହାୟତା ଦିଆଯାଇ ଥିବା ଅତିଥି କହିଥିଲେ। ଏହି ମନ୍ଦିର ନିର୍ମାଣ ପାଇଁ ଠାକୁରାଣୀଙ୍କ ପୂଜାରୀଙ୍କ ସମେତ ଗ୍ରାମବାସୀ ଦାବି କରିଆସୁଥିଲେ। କାର୍ଯ୍ୟକ୍ରମରେ ଜୋନ ସଭାପତି ଯୁବରାଜ ଜଗତ, ବଳରାମ ପଟ୍ଟନାୟକ, ମହାଦେବ ପୂଜାରୀ, ରବୀନ୍ଦ୍ର ପୂଜାରୀ, ଦୁର୍ଯ୍ୟୋଧନ ପୂଜାରୀ, ବୃନ୍ଦାବନ ପୂଜାରୀ, କୃଷ୍ଣ ପୂଜାରୀ,ଶରତ ମାଝି, ପ୍ରଶାନ୍ତ ପାରି, ଶ୍ୟାମସୁନ୍ଦର ସୁନାନୀ, ଚୈତୁରାମ ଦଣ୍ଡସେନା, ରଜତ ଜଗତ, ବବି ବିଷୋୟୀ,ନୀଳେନ୍ଦ୍ରି ପାଣ୍ଡେ, ଶଙ୍କର ରାଉତ, ନବ ବଗ୍ଗୀ, ତ୍ରିନାଥ ରାଉତ, ଦେବୀରାମ ଜଗତ, ଉମ୍ଭରୁ ନିଆଲ, ହେମନ୍ତ ଲୋହରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ମାଲଗାଡ଼ି ଧକ୍କାରେ ଜଣେ ମୃତ

ମେମୋ ଦେବାରେ ବିଳମ୍ବ କଲେ ରେଳ କର୍ତ୍ତୃପକ୍ଷ

ରାୟଗଡ଼ା(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୮।୪- ରାୟଗଡ଼ା ମା' ମଝିଘରିଆଣି ମନ୍ଦିର ନିକଟ ରେଳ ଧାରଣାରେ ରବିବାର ମାଲଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଲ୍ୟାଣସିଂହପୁର ବ୍ଲକ ସିକରପାଇ ଗ୍ରାମର ଈଶ୍ୱର ରାଓ(୪୧)। ଈଶ୍ୱର ମା' ମଝିଘରିଆଣିଙ୍କ ଦର୍ଶନ ପରେ ନିକଟସ୍ଥ ଝଞ୍ଜାବତୀ ନଦୀ ଉପର ଦେଇ ଯାଇଥିବା ରେଳ ଲାଇନ ପୋଲକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ଏକ ମାଲବୋଝେଇ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିଲା। ମନ୍ଦିର ନିକଟରେ ଉପସ୍ଥିତ ଲୋକେ ଖବରଦେବାରୁ ୧୦୮ ଆମ୍ବୁଲାନ୍ସ ଆସି ମୃତଦେହକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲା। ଆଇଆଇସି କେକେବିକେ କହଁର ରେଳ କତୃପକ୍ଷଙ୍କୁ ଏହି ଘଟଣା ବିଷୟରେ ଜଣାଇଥିଲେ। ଦୁର୍ଘଟଣାଟି ରେଳ ଲାଇନ ନିକଟରେ ଘଟିଥିବାରୁ ମୃତଦେହ ବ୍ୟବଚ୍ଛେଦ ପାଇଁ ରେଳ ବିଭାଗର ମେମୋ ଆବଶ୍ୟକ ଥିଲା। ହେଲେ ରାୟଗଡ଼ା ରେଳ ଷ୍ଟେଶନ ମ୍ୟାନେଜ୍‌ରଙ୍କ ପାଖରେ ଦୁର୍ଘଟଣା ନେଇ କୌଣସି ଖବର ନ ଥିବା କହିଥିଲେ। ଗଣମାଧ୍ୟମ ପ୍ରତିନିଧି ହସ୍ତକ୍ଷେପ କରିବାରୁ ଷ୍ଟେଶନ ମ୍ୟାନେଜର ପରମାନନ୍ଦ ପିଡ଼ିକାକା ମେମୋ ପ୍ରଦାନ କରିଥିଲେ। ମେମୋ ପାଇବା ପରେ ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମଝିଘରିଆଣି ମନ୍ଦିର ଦର୍ଶନରେ ଆସୁଥିବା ବହୁ ଶ୍ରଦ୍ଧାଳୁ ନିକଟସ୍ଥ ରେଳ ପୋଲ ନିକଟକୁ ଯାଇ ବିପଦପୂର୍ଣ୍ଣ ଭାବେ ସେଲଫି, ଫଟୋ ଆଦି ଉତ୍ତୋଳନ କରୁଥିଲେ ସୁଦ୍ଧା ରେଳ ବିଭାଗ ପକ୍ଷରୁ ସେଠାରେ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ। ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି।

# ନକଲି ଟିକଟରେ ମୁଣ୍ଡନ ବାବଦ ଲକ୍ଷାଧିକ ଟଙ୍କା ହଡ଼ପ

### ମଝିଘରିଆଣିଙ୍କ ମନ୍ଦିର ରସିଦ୍ ବହିରେ ଜାଲିଆତି

ରାୟଗଡ଼ା,୯।୪(ସ୍ୱ.ପ୍ର.)

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣିଙ୍କ ମନ୍ଦିର ରସିଦ୍ ବହିରେ ଜାଲିଆତି କରାଯାଇଛି। ମନ୍ଦିରର କେତେଜଣ ଅସାଧୁ କର୍ମଚାରୀ ମା'ଙ୍କ ନିକଟକୁ ମୁଣ୍ଡନ ପାଇଁ ଆସୁଥିବା ମାନସିକଧାରୀଙ୍କୁ ନକଲି ଟିକେଟ ଦେଇ ଲକ୍ଷାଧିକ ଟଙ୍କା ଲୁଟ୍ କରିଛନ୍ତି। ମନ୍ଦିର ଟ୍ରଷ୍ଟ ଦ୍ୱାରା ନିୟୋଜିତ କର୍ମଚାରୀ ଏହି ଜାଲିଆତି କରିଥିବା ଅଭିଯୋଗ ହୋଇଛି।

ମା' ମଝିଘରିଆଣିଙ୍କ ମନ୍ଦିରରେ ପ୍ରତିଦିନ ମାନସିକଧାରୀମାନେ ମୁଣ୍ଡନ କରିଥାଆନ୍ତି। ମୁଣ୍ଡନ ପାଇଁ ମନ୍ଦିର ତରଫରୁ ଜଣ ପିଛା ୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ମୁଖ୍ୟତଃ ମଙ୍ଗଳବାର, ବୁଧବାର, ଶୁକ୍ରବାର ଓ ରବିବାର ମୁଣ୍ଡନ ପାଇଁ ବହୁ ଶ୍ରଦ୍ଧାଳୁ ଆସିଥାଆନ୍ତି।



କଟାଯାଇଥିବା ଟିକଟ ।

ଏସବୁ ବାରରେ ୩୦୦ରୁ ଅଧିକ ଶ୍ରଦ୍ଧାଳୁ ମୁଣ୍ଡନ ହେଉଛନ୍ତି। ଏହାର ସୁଯୋଗ ନେଇ ମନ୍ଦିରର କେତେଜଣ କର୍ମଚାରୀ ନକଲି ରସିଦ୍ ବହି ମୁଦ୍ରଣ କରି ଟିକେଟ ଦେଉଛନ୍ତି। ଗତ କିଛି ଦିନ ହେବ ମୁଣ୍ଡନ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ ରହିବାରୁ ସନ୍ଦେହ ଉପୁଜିଥିଲା। ମୁଣ୍ଡନ ବାବଦ ଅର୍ଥ ଆଦାୟ କେଉଁ କାରଣରୁ କମୁଛି ଜାଣିବା ପାଇଁ ମନ୍ଦିର ପରିଚାଳନା କମିଟି ଗୁପ୍ତ ଭାବେ ତଦନ୍ତ କରିଥିଲା। ଚଳିତଥର ଚୈତ୍ର ପର୍ବରେ ମା'ଙ୍କ ନିକଟରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ମୁଣ୍ଡନ ହୋଇଥିଲେ ମଧ୍ୟ ଟଙ୍କା ବୃଦ୍ଧି ଘଟି ନଥିବାରୁ ଜାଲିଆତି ସ୍ପଷ୍ଟ ହୋଇଛି। ୯୪ ନମ୍ବର ବହିର ୧୪୩୬୧ ନଂ ରସିଦ୍‌ରେ ଦୁଇ ଜଣଙ୍କୁ ଟିକେଟ ଦିଆଯାଇଛି।

କେବଳ ଏହି ଗୋଟିଏ ଘଟଣା ନୁହେଁ କିଛି ମାସ ପୂର୍ବରୁ ମନ୍ଦିର ପରିସରରୁ ମୁଣ୍ଡନ ତ୍ରୁଟି ମଧ୍ୟ ଚୋରି ହୋଇଥିଲା। ଯାହାର ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ। ହେଲେ ମନ୍ଦିର ତରଫରୁ ଏ ନେଇ କୌଣସି କାର୍ଯ୍ୟାଷ୍ଠାନ ଗ୍ରହଣ କରାଗଲାନାହିଁ। ଦେବୋତ୍ତର ବିଭାଗ ଏସବୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ଜରୁରୀ ହୋଇପଡିଛି। ଘଟଣା ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ରାଇସିଂ ବିଡିକା କହିଛନ୍ତି, ଗଣମାଧ୍ୟମରୁ ଏହି ଘଟଣା ଜାଣିବାକୁ ପାଇଲି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି ସିମେଣ୍ଟ

ଟିକିରି,୯।୪( ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁର ବ୍ଲକ ଟିକିରି ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ରବିବାର ସିମେଣ୍ଟ ଖଣ୍ଡ ଖସିଛି। ଏହି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ରୋଗୀ ନ ଥିବାରୁ ଦୁର୍ଘଟଣା ଘଟିନାହିଁ। ଯଦି ଅନ୍ୟ ସମୟରେ କୌଣସି ରୋଗୀଙ୍କ ଉପରେ ଏହି ସିମେଣ୍ଟ ଖଣ୍ଡ ଖସି କିଛି ଦୁର୍ଘଟଣା ଘଟିବ ସେଥିପାଇଁ କିଏ ଦାୟୀ ରହିବେ ତାକୁ ନେଇ ପ୍ରଶ୍ନ ଉଠିଛି। ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ମଧ୍ୟ ନିଜକୁ ସୁରକ୍ଷିତ ମନେକରୁନାହାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ବହୁତ ପୁରୁଣା ହୋଇଥିବାରୁ ପୂର୍ବରୁ ବିଭିନ୍ନ ଥର ଛାତରୁ ସିମେଣ୍ଟ ଖସୁଥିବା ଦେଖିବାକୁ ମିଳିଛି। ଦୁର୍ଘଟଣା ଘଟିବା ପୂର୍ବରୁ ସରକାର ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ସ୍ଥାନୀୟବାସୀ ଦାବି କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତ୍ୟେକ ଦିନ ସକାଳ ୪ଘଣ୍ଟା



ଏବଂ ସନ୍ଧ୍ୟାରେ ୪ଘଣ୍ଟା ଖୋଲାଯାଏ। ରାତି ସମୟରେ ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ବିଭିନ୍ନ ସମସ୍ୟା ବିଷୟରେ ଜାଣି ମଧ୍ୟ ଜିଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଚୁପ ରହୁଛନ୍ତି। ଏ ନେଇ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନେତ୍ରାନନ୍ଦ ନାୟକଙ୍କୁ ପଚାରିବାରୁ ଏହି ସମସ୍ୟା ସମ୍ପର୍କରେ ଉପର ଅଧିକାରୀଙ୍କୁ ଜଣାଇଛି ବୋଲି କହିଛନ୍ତି।

# ରାଷ୍ଟ୍ର ଗଠନରେ ଭାଗୀଦାର ହେବାକୁ ଛାତ୍ରଙ୍କୁ ଆହ୍ୱାନ

### ଏନ୍‌ଏସ୍‌ୟୁଆଇର ୫୩ ତମ ପ୍ରତିଷ୍ଠା ଦିବସ

ନବରଙ୍ଗପୁର,୯।୪ (ବି.ପ୍ର.)

ଏନ୍‌ଏସ୍‌ୟୁଆଇର ୫୩ତମ ପ୍ରତିଷ୍ଠା ଦିବସ ରବିବାର ନବରଙ୍ଗପୁର ଜିଲା ଛାତ୍ର କଂଗ୍ରେସ ପାଳନ କରିଛି। ରବିବାର ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ସମ୍ପୂର୍ଣ୍ଣ ମଦ ମୁକ୍ତ ଗ୍ରାମ ବୈରାଗିଗୁଡାରେ ଆଦିବାସୀ ଓ ଦଳିତ ଛାତ୍ରମାନଙ୍କୁ ନେଇ ଏହି ଦିବସ ପାଳନ କରାଯାଇଛି। ନବରଙ୍ଗପୁର ଜିଲା ଛାତ୍ର କଂଗ୍ରେସ ସଭାପତି ଯୁବ ଆଇନଜୀବୀ ପବିତ୍ର ଗରଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଛାତ୍ର କଂଗ୍ରେସ ସଭାପତି ତଥା ଏଆଇସିସି ସଭ୍ୟା ମନଷା ତ୍ରିପାଠୀ ମୁଖ୍ୟ ଅତିଥି, ଜିଲା ଯୁବ କଂଗ୍ରେସ ସଭାପତି ସୁରଜ ଲାଲ ଓ ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦାବନ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ



ଅତିଥିମାନେ ଦଳୀୟ ପତାକା ଦେଖାଉଛନ୍ତି।

ପ୍ରଥମେ ଛାତ୍ର କଂଗ୍ରେସର ଦଳୀୟ ପତାକାକୁ ଉତ୍ତୋଳନ କରାଯାଇଥିଲା। ୧୯୭୦ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ୍‌ଏସ୍‌ୟୁଆଇ ପ୍ରତିଷ୍ଠା କରିଥିଲେ। ଛାତ୍ରମାନଙ୍କୁ ସକ୍ରିୟ ରାଜନୀତିରେ ପ୍ରବେଶ କରିବା ପାଇଁ ମହାତ୍ମା ଗାନ୍ଧୀ ଯେଉଁ ଡାକରା ଦେଇଥିଲେ, ତାହାକୁ ଦୋହରାଇବା ଲକ୍ଷ୍ୟରେ ଏହା କରାଯାଇଥିଲା ବୋଲି ଅତିଥିମାନେ କହିଥିଲେ। ଛାତ୍ର ସମାଜକୁ ନିଶା ମୁକ୍ତ ହୋଇ ରାଷ୍ଟ୍ରଗଠନରେ ଭାଗିଦାର ହେବାକୁ ଅତିଥିମାନେ କହିଥିଲେ। ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରାରେ ଛାତ୍ର ସମାଜର ଯୋଗଦାନ ଉପରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନର ଚାକିରୀ ସମସ୍ୟା ଉପରେ ଅବଗତ କରାଇବା ସହ ନିଜକୁ ନିଜେ ତିଆରି କରିବାକୁ ଛାତ୍ରମାନଙ୍କୁ ଅତିଥି ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ହରିଜନ, ସଞ୍ଜୀବ ମିଶ୍ର, ଆଦିତ୍ୟ ତ୍ରିପାଠୀଙ୍କ ସହ ଶତାଧିକ ଆଦିବାସୀ ଓ ଦଳିତ ଛାତ୍ର, ଯୁବକ ଯୋଗଦେଇଥିଲେ।

# ନୀଳାଗୁଡ଼ାରେ ଅବକାରୀ ଚଢ଼ାଉ

ଜୟପୁର,୯।୪(ନି.ପ୍ର.)

ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡ଼ାଠାରେ ଅବକାରୀ ବିଭାଗ ଚଢ଼ାଉ କରିଛି। ହେଲେ ମଦ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେଠାରୁ ୧ ହଜାର ଲିଟର ପୋଚ, ୫୦ ହଜାର ଲିଟର ଦେଶୀମଦ ଜବତ ହେବା ସହ ମଦ ରନ୍ଧା ପାଇଁ ବ୍ୟବହୃତ ସରଞ୍ଜାମ, ଡ୍ରମ ଆଦି ଜବତ ହୋଇଥିବା ଅବକାରୀ ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି। ମଦ ମାଫିଆମାନେ ମଦ ଓ ପୋଚ ଲୁଚାଇ ରଖିଥିବା ନେଇ ସୂଚନା ପାଇ ଚଢ଼ାଉ କରାଯାଇଥିଲା।

# ୨ବାଇକ୍ ମୁହାଁମୁହିଁ: ଜଣେ ମୃତ, ଜଣେ ଗୁରୁତର

ଜୟପୁର,୯।୪(ନି.ପ୍ର.)

ଜୟପୁର ଏଲ୍‌ଆଇସି ଅଫିସ ସମ୍ମୁଖରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ଜଣେ ମୃତ ଏବଂ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଳାହାଣ୍ଡି ଜିଲାର ରାଜେଶ କୁମାର ନାୟକ ଓ ଆହାତ ଜଣକ ହେଉଛନ୍ତି ଖ୍ରୀଷ୍ଟିଆନପେଟାର ପ୍ରବାସୀ ନାଗ। ଗୁରୁତରଙ୍କୁ ପ୍ରଥମେ ଜୟପୁର ଜିଲା ଚିକିତ୍ସାଳୟ ଏବଂ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟାଉନ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି। ବାଇକ ବସକୁ ଓଭର ଟେକ କରି ଯାଉଥିବା ବେଳେ ଆଗରୁ ଆସୁଥିବା ଅନ୍ୟ ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଚାଳକ ବସ ଚକା ତଳେ ପଡ଼ି ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା।

# ବସ୍ ଧକ୍କାରେ ୬ ଗୋରୁ ମୃତ

ରାଇକିଆ,୯।୪(ଡି.ଏନ୍.ଏ.)

ରାଇକିଆ ପାଙ୍ଗାନାଜୁ ନିକଟରେ ରବିବାର ଏକ ବସ୍ ମାଡ଼ିଦେବାରୁ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୋରୁ ଗୁରୁତର ହୋଇଛି। ସେମାନଙ୍କୁ ପ୍ରାଣୀଧନ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଉଛି। ଗୋରୁଙ୍କ ଉପରେ ଗାଡ଼ି ମାଡ଼ିଯାଉଥିବା ଦୃଶ୍ୟ ସିସିଟିଭି ଫୁଟେଜରୁ ସ୍ପଷ୍ଟ ଜଣାପଡୁଛି। ରାଇକିଆ ପୋଲିସ ପହଞ୍ଚି ଆହତ ଗୋରୁଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ପ୍ରାଥମିକ ତଦନ୍ତ କରିଛି। କ୍ଷତିପୂରଣ ଦାବିରେ ରାଇକିଆ -ଜି.ଉଦୟଗିରି ରାସ୍ତା ଅବରୋଧ ହୋଇଥିବାରୁ ଯାନବାହନ ଚଳାଚଳ ବନ୍ଦ ରହିଛି।

# ଏନ୍‌ପିଏସ୍ ଶିକ୍ଷକ ସଂଘର ବୈଠକ


ବୈଠକରେ ଉପସ୍ଥିତ ଶିକ୍ଷକ ସଂଘ ସଦସ୍ୟମାନେ।

ରାୟଗଡ଼ା,୯।୪(ସ୍ୱ.ପ୍ର.)

ଗଣଶିକ୍ଷା ବିଭାଗ ଓ ମଙ୍ଗଳ ବିଭାଗ ଅଧୀନରେ କାର୍ଯ୍ୟରତ ରାୟଗଡ଼ା ଜିଲା ଏନ୍‌ପିଏସ୍ ସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଛି। ୨୦୦୪ରୁ ୨୦୨୨ ଯାଏ କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଚୁକ୍ତିଭିତ୍ତିକ ରେପଲ ରୁଲ-୨୦୨୨ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ୨୦୧୬-୨୦୨୨ ବ୍ୟାଚର ଶିକ୍ଷକଙ୍କୁ ତୁରନ୍ତ ନିୟମିତ କରିବା ସହ ୨୦୦୪ରୁ ୨୦୨୨ ଯାଏ ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଦାବି କରାଯାଇଛି। ଯଦି ରାଜ୍ୟ ସରକାର ଏଥିପ୍ରତି କୌଣସି ପଦକ୍ଷେପ ନ ନିଅନ୍ତି ତେବେ ସଂଘ ହାଇକୋର୍ଟରେ ଆଶ୍ରୟ ନେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକକୁ ସଂଘ କାର୍ଯ୍ୟକାରୀ ସଭାପତି ବିମଳା ଶଙ୍କର ଦାସ ଓ ଡମ୍ବରୁଧର ତ୍ରିପାଠୀ ପରିଚାଳନା କରିଥିଲେ। ବୈଠକରେ ସଂଘର ପ୍ରମୋଦ ମହାପାତ୍ର, ଚିନ୍ମୟ ମହାପାତ୍ର, ରବୀନ୍ଦ୍ରନାଥ ଟାମାରାପୁ ଓ କାଳୀ ପ୍ରସାଦ ପଟ୍ଟନାୟକଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ।

# କଳାର ସମାଜର ଉନ୍ନତି ନେଇ ମହାସଭାରେ ଆଲୋଚନା



ବୈଠକରେ ଉପସ୍ଥିତ ଅତିଥିମାନେ।

ଉମରକୋଟ, ୯।୪(ସ୍ୱ.ପ୍ର.)

ଉମରକୋଟ ବ୍ଲକ ମେନ୍ଦାବେଡ଼ା ନିକଟସ୍ଥ ପଡ଼ିଆରେ ତ୍ରିଦିବସୀୟ ଜିଲା କଳାର ମହାସଭା ଆରମ୍ଭ ହୋଇଛି। ମହାସଭାରେ ଓଡ଼ିଶା ଏବଂ ଛତିଶଗଡ଼ ରାଜ୍ୟର କଳାର ସମାଜର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ବହୁ ଉଚ୍ଚ ପଦାଧିକାରୀ ଯୋଗଦେବେ। କଳାର ସମାଜର କୂଳ ଦେବତାଙ୍କ ପ୍ରତିଛବିରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। କଳାର ସମାଜ ଜିଲା ସଭାପତି ପଦ୍ମନାଭ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମହାସଭାରେ ଜିଲା କଳାର ସମାଜ ସାଧାରଣ ସମ୍ପାଦକ ରାମନାଥ କଳାର, ଉମରକୋଟ ବ୍ଲକ ସଭାପତି ପବିତ୍ର ସେଠିଆ, ସଂଗ୍ରାମ ବୈଦ୍ୟ, ଝରିଗାଁ ସଭାପତି ମାଧବ କଳାର, ସମ୍ପାଦକ ରବୀନ୍ଦ୍ର ନାୟକ, ଡାବୁଗାଁ ସଭାପତି ରଘୁନାଥ କଳାର, ସମ୍ପାଦକ କେଶବ ବେଶ୍ରା, କୋଷାଗୁମୁଡ଼ା ସଭାପତି ମୋତିସିଂ ନାୟକ, ସମ୍ପାଦକ ନନ୍ଦ କଳାର ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ସହ ରାଇଘର, ଚନ୍ଦାହାଣ୍ଡି, ନବରଙ୍ଗପୁର, ତେନ୍ତୁଲିଖୁଣ୍ଟି, ନନ୍ଦାହାଣ୍ଡି ବ୍ଲକର ସଭାପତି ଓ ସମ୍ପାଦକ, ଉମରକୋଟ ନଗର ସଭାପତି ଓ ସମ୍ପାଦକ ଏବଂ ଜିଲା କମିଟିର ଅନେକ ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ କଳାର ସମାଜର ଦିବଂଗତ ସଂଗଠକଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହିତ ଉପସ୍ଥିତ ଅତିଥିଗଣ କଳାର ସମାଜର ବିସ୍ତୃତ ଇତିହାସ ବିଷୟରେ ବର୍ଣ୍ଣନା କରିବା ସହ କଳାର ସମାଜର ଉନ୍ନତି ପାଇଁ ମତ ଦେଇଥିଲେ। ଉପସ୍ଥିତ ଯୁବତୀ ଯୁବକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ କଳାର ସମାଜ ସଭାପତି ପ୍ରେମାନନ୍ଦ ପାଣ୍ଡେ, ସଂଯୋଜକ ବୀରେନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କଳାର ସମାଜ ସହ ସମ୍ପାଦକ ତ୍ରିଲୋଚନ ପାଣ୍ଡେ ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ଜଳ ସଙ୍କଟରୁ ମୁକ୍ତିପାଇବେ ୧୨ ପଞ୍ଚାୟତବାସୀ

### ପାନୀୟ ଜଳ ପ୍ରକଳ୍ପ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବ୍ଲକ ବିଜେଡିର ଧନ୍ୟବାଦ

ଡାବୁଗାଁ,୯।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକସ୍ଥିତ ପଥପ୍ରାନ୍ତଠାରେ ରାଜ୍ୟସରକାରଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଅନୁମୋଦିତ ହୋଇଥିବାରୁ ବ୍ଲକ ବିଜେଡି ରବିବାର ଏକ ଖବରଦାତା ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛି। କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର ପରିଚାଳନା କରିଥିଲେ। ଡାବୁଗାଁ ବିଧାୟକ ତଥା ଜିଲା ଯୋଜନାବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ ଯୋଗ ଦେଇଥିଲେ। ପାନୀୟଜଳ ପ୍ରକଳ୍ପ ହେଲେ ଡାବୁଗାଁର ୧୨ ପଞ୍ଚାୟତର ୬୨ହଜାରରୁ ଉର୍ଦ୍ଧ୍ୱ ଲୋକେ ପାଣି ସଙ୍କଟରୁ ମୁକ୍ତି ପାଇବେ ବୋଲି ସେ କହିଥିଲେ । ୨ବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାମ ସାରିବ ବୋଲି ସେ ଘୋଷଣା କରିଥିଲେ। ଝରିଗାଁ ବିଧାୟକ ପ୍ରକାଶ ମାଝି, ନବରଙ୍ଗପୁର ଜିଲାପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ସମ୍ମିଳନୀରେ ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଡାବୁଗାଁ ବ୍ଲକ ଜୋନ-୧ ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଜୋନ-୨ ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି ନେତାମାନେ।

# ଯୋଗ୍ୟତାରୁ ମାନ ମର୍ଯ୍ୟାଦା ବଢ଼ିଥାଏ

### ଆର୍ଯ୍ୟାନ ଇଂଲିଶ ମିଡିୟମ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବ

ପଦ୍ମପୁର,୯।୪( ଡି.ଏନ୍.ଏ.)

ପାଠପଢ଼ିଲେ ଜେଣେ ଛାତ୍ରୀ କିମ୍ବା ଛାତ୍ର ଶିକ୍ଷିତ ହୋଇଥାଏ। କିନ୍ତୁ ବୁଦ୍ଧିମାନ ହୋଇ ନ ଥାଏ। ଶିକ୍ଷିତ ହେବା ସହ ବୁଦ୍ଧିମାନ ହେବା ନିହାତି ଆବଶ୍ୟକ। ଯୋଗ୍ୟତାରୁ ମାନ ମର୍ଯ୍ୟାଦା ବଢ଼ିଥାଏ। ନଦୀ ଅଙ୍କାବଙ୍କା ହୋଇପାରେ, କିନ୍ତୁ ତାର ଉଦ୍ଦେଶ୍ୟ ସମୁଦ୍ରରେ ମିଶିବା। ସେହିଭଳି ବିଦ୍ୟାର୍ଥୀମାନେ ଶିକ୍ଷା ସହ ସିଷ୍ଟାଚାର ଶିଖିବା ଆବଶ୍ୟକ। ପଦ୍ମପୁର ଆର୍ଯ୍ୟାନ ଇଂଲିଶ ମିଡିୟମ ସ୍କୁଲର ବିଂଶତମ ବାର୍ଷିକ ଉତ୍ସବରେ ଯୋଗଦେଇ ଏଭଳି ମତବ୍ୟକ୍ତ ରଖିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି। ଏଥିରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ଶବର, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଜୁଲୋଜିର ମନୋଜ କୁମାର ପଟ୍ଟନାୟକ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ସହକାରୀ ଶିକ୍ଷା ଅଧିକାରୀ ନିର୍ମଳା ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିର ପ୍ରମୁଖ ଉପସ୍ଥିତ ଥିଲେ। ପିଲାଙ୍କ ଶିକ୍ଷା ପ୍ରତି ଉକ୍ତ ବିଦ୍ୟାଳୟ କିଭଳି ଯତ୍ନବାନ ହେଉଛି ଏବଂ ଶିକ୍ଷକମାନେ କିଭଳି ଶିକ୍ଷା ଦାନ କରି ଅଭିଭାବକଙ୍କ ବିଶ୍ୱାସ ଭାଜନ ହୋଇପାରୁଛନ୍ତି ତାହା ଉପରେ ସେମାନେ କହିଥିଲେ। ପରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସିଲ୍ଡ ଦିଆଯାଇଥିଲା। ସ୍କୁଲ ଅଧ୍ୟକ୍ଷ ଯଶସ୍ୱୀ ଦାସ ବିବରଣୀ ପାଠ କରିବା ସହ ଦୀର୍ଘ ୨୦ ବର୍ଷରେ ଏହି ସ୍କୁଲର ପିଲା ବଡ଼ମଣିଷ ହୋଇ କିଏ ଅଫିସର ତ, ଆଉ କିଏ ଡାକ୍ତର ହୋଇପାରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ଜିଲା ବିଜୁ ଛାତ୍ର ସଭାପତି ପିଙ୍କୁ ପଣ୍ଡା, ବିଜେଡି ନେତା ଗଗନ ଆଚାର୍ଯ୍ୟ, ପ୍ରିନ୍ସପାଲ ମହେଶ୍ୱତା ନାୟକ, ସମ୍ପାଦକ ସ୍ୱର୍ଣ୍ଣ ମଞ୍ଜରୀ ଦାସ, ସ୍କୁଲ ପ୍ରତିଷ୍ଠାତା ହରିଶରଣ ଦାସ, ପ୍ରତିଭା ଶବର, ଜ୍ୟୋସ୍ନା ଶବର, ପ୍ରିୟଙ୍କା ସାହୁ , ମନୀଷା ପାଣିଗ୍ରାହୀ ଓ ପ୍ରଶାସନିକ ଅଧିକାରୀ ମନୋଜ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ଅତିଥିଙ୍କ ସହ ପୁରସ୍କୃତ ହୋଇଥିବା କୃତୀ ଛାତ୍ରୀଛାତ୍ର ।

# ଦାବି ହାସଲ ନେଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ହେବ

- ଦାବିପୂରଣ ହେଉ ନ ଥିବାରୁ ଆନ୍ଦୋଳନ ଚେତାବନୀ ଦେଲା ଅମଲା ସଂଘ
- ୨୧ରେ ସମସ୍ତ ଜିଲା ଶାଖା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦେବ ଦାବିପତ୍ର
- ଦାବି ପୂରଣ ନ ହେଲେ ମେ ୧ରେ ସରକାରଙ୍କୁ ଚରମପତ୍ର ଦିଆଯିବ

ନବରଙ୍ଗପୁର,୯।୪(ବି.ପ୍ର.)

ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଅଧ୍ୟକ୍ଷ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ରାଜ୍ୟ ସଂଘର ଜିଲାସ୍ତରୀୟ ଅମଲା ମଞ୍ଚର ଜିଲା ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅମଲାମାନଙ୍କର ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଉପରେ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ସଦସ୍ୟମାନେ।

ବେତନ ବୃଦ୍ଧି ନେଇ ରାଜ୍ୟ ସରକାରଙ୍କ ଟାଳଟୁଳ ନୀତିକୁ ନେଇ ଜିଲାସ୍ତରୀୟ ଅମଲାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ରାଜ୍ୟ ସରକାର ୨୦୧୭ରୁ ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରି ନାହାନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ପତ୍ରାଳାପ କରିବା ସହିତ ବିଭିନ୍ନସ୍ତରରେ ଆଲୋଚନା ସରିଛି। କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ଫଳ ଶୂନ୍ୟ ହୋଇଛି। ତେଣୁ ଏବେ ଆଉ ଆଲୋଚନା ନୁହେଁ, ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦାବି ହାସଲ କରିବାକୁ ହେବ ବୋଲି ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ସମସ୍ତ ପ୍ରତିନିଧିମାନେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୧ ତାରିଖରେ ପ୍ରତ୍ୟେକ ଜିଲା ଶାଖା ସମ୍ପୃକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯଦିଏପ୍ରିଲ ୩୦ ସୁଦ୍ଧା ରାଜ୍ୟ ସରକାର ଜିଲାସ୍ତରୀୟ ଅମଲାଙ୍କର ଦାବି ପୂରଣ ନ କରନ୍ତି ତେବେ ମେ ୧ତାରିଖରେ ସରକାରଙ୍କୁ ଚରମ ପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

